# ଓଡ଼ିଶାରେ 'ଅସମାନତା' ଜନିତ ସମସ୍ୟା

ବିବିଧ କାରଣରୁ ଆମ ଦେଶର ଜନସମାଜ ବହୁଧା ବିଭକ୍ତ । ଏହି ବିଭାଜନଜନିତ ଅସମାନତା ହେତୁ ବ୍ୟକ୍ତି ଓ ସମୂହ ଏହାର ସୁଫଳ ଅପେକ୍ଷା କୁଫଳ ଲାଭ କରିଛି । ଯାହା ଇତିହାସରୁ ସ୍ପଷ୍ଟ ହୁଏ । ଏହାର ସବୁଠାରୁ ବଡ଼ କୁଫଳ ହେଉଛି ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସଂହତି ହାନି ଏବଂ ସମଗ୍ର ଜନସମାଜର ସର୍ବାଙ୍ଗୀନ ଉନ୍ନତିରେ ବାଧା ଓ ପ୍ରତିବନ୍ଧ । ସ୍ୱଳ୍ପସଂଖ୍ୟକ ସୁବିଧାବାଦୀ ଲୋକ ସକଳ ପ୍ରକାରର ସୁବିଧା ସୁଯୋଗ ଲାଭ କରିଥିଲାବେଳେ ଜନସମାଜର ବିପୁଳାଂଶ ତହିଁରୁ ବଞ୍ଚିତ ହୋଇ ରହିଛନ୍ତି । ଧନୀ-ଦରିଦ୍ର, ଅଭିଜାତ-ଇତର, ଶୋଷକ-ଶୋଷିତ ଆଧାରରେ, ଶ୍ରେଣୀ-ବିଭାଗ ଜନିତ ଅସମାନତା ସଂପର୍କରେ ପୂର୍ବରୁ ଆମର ସଚେତନଶୀଳ ମାନବବାଦୀ ସମୀକ୍ଷକମାନେ ନିଜେ ସଚେତନ କରାଇଥିଲେ ହେଁ, ବିଶେଷତଃ ସ୍ୱାଧୀନତା ଲାଭ ପରେ ଏହାକୁ ନେଇ ଆମ ଦେଶରେ ଅଭୂତପୂର୍ବ ଜାଗରଣ ଓ ଉଦ୍‌ବେଳନ ଦେଖାଦେଇଛି । ବ୍ୟକ୍ତି ନିଜର ଦାବୀ-ଅଧିକାର ବିଷୟରେ ସଚେତନ ଓ ସଂଗଠିତ ହୋଇଛି ଓ ଗୋଷ୍ଠୀଗତ ସଂଗଠନମାନ ସୃଷ୍ଟି ହୋଇଛନ୍ତି ।

ଭାରତର ଶ୍ରେଣୀ-ବିଭକ୍ତ ସମାଜରେ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଦିଗରୁ ସ୍ୱଳ୍ପସଂଖ୍ୟକ ଜନସାଧାରଣ କିପରି ଉନ୍ନତ ଓ ବହୁସଂଖ୍ୟକ ଲୋକ (୮୫ ଭାଗ) କିପରି ଅନୁନ୍ନତ ଅବସ୍ଥାରେ ଅଛନ୍ତି ତାହା ଅନୁମେୟ । ସେଇ ସଂଖ୍ୟାଗରିଷ୍ଠ ଜନତାଙ୍କ ଆଧାରରେ ଅସମାନତାକୁ ବୁଝିବା, ଜାତି ବିଭାଗ, ସାମାଜିକ ମର୍ଯ୍ୟାଦା, ଧର୍ମୀୟଭିତ୍ତି, ଆର୍ଥିକ ସ୍ଥିତି ଇତ୍ୟାଦି ଦିଗରୁ ନିମ୍ନବର୍ଗର ଜନସାଧାରଣଙ୍କ ଅଭାବ-ଅସୁବିଧାଜନିତ ସମସ୍ୟାର ସମାଧାନ ପାଇଁ ବିଧିବଦ୍ଧ ପଦକ୍ଷେପ, ମାନବିକ ଅଧିକାରର ପୂର୍ଣ୍ଣ ଉପଭୋଗ ଜଗତର ସମାନତା ପ୍ରତିଷ୍ଠା କରିବା ପାଇଁ କିପରି ପ୍ରୟାସ କରାଯାଇପାରିବ, ସେ ସଂପର୍କରେ ସବିଶେଷ ଚର୍ଚ୍ଚା; ଏହି ଗବେଷଣା ଚକ୍ର ଆନୁକୂଲ୍ୟରେ ଆୟୋଜିତ ଦ୍ୱି-ଦିବସୀୟ ଆଲୋଚନା ଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ।

**'ଅସମାନତା'ର ବିବିଧ ପର୍ଯ୍ୟାୟ :**

– ଅସମାନତାଜନିତ ଅବବୋଧ, ଧାରଣା, ବିଭଗୀକରଣ ।

**ଓଡ଼ିଶାର ଅର୍ଥନୈତିକ ଅସମାନତା :**

– ଦାରିଦ୍ର୍ୟ ଓ ଶ୍ରେଣୀ ବିଭାଜନ
– ଭୂମି କୈନ୍ଦ୍ରିକ ଅର୍ଥନୈତିକ ଅସମାନତା
– ଡିଜିଟାଲ୍ ଆଧାରିତ ଅସମାନତା
– କେନ୍ଦ୍ର ଏବଂ ଅଞ୍ଚଳ ଆଧାରରେ ଦାରିଦ୍ର୍ୟ
– ବିକାଶରେ ଅନିୟମିତତା, ଆଞ୍ଚଳିକ ବୈଷମ୍ୟ, ସ୍ଥାନିକ ଅସମାନତା
– ଦାରିଦ୍ର୍ୟ, ବିସ୍ଥାପନ ଏବଂ ଅନୌପଚାରିକତା

**ଓଡ଼ିଶାର ସାମାଜିକ ଅସମାନତା :**

– ଜାତି, ଜନଜାତି ଏବଂ ଶ୍ରେଣୀଜନିତ ପୁର୍ନଅବଧାରଣା
– ଶ୍ରେଣୀଗତ ଏବଂ ଲିଙ୍ଗଗତ ଅସମାନତା
– ଧାର୍ମିକ ଅସମାନତା : ସହନଶୀଳତା ଏବଂ ବିଭାଜନ
– ଆର୍ନ୍ତବିଭାଜନ - ପ୍ରଜାତି, ଜାତି ବିଷୟକ, ଯୌନାକାଂକ୍ଷା, ଅକ୍ଷମତାଜନିତ
– ସାମାଜିକ - ଅର୍ଥନୈତିକ ଅସମାନତା ସୃଷ୍ଟିରେ ରାଜ୍ୟ ବିଧିବ୍ୟବସ୍ଥା

**ଓଡ଼ିଶାର ରାଜନୈତିକ ଅସମାନତା :**

– ରାଜନୈତିକ ତତ୍ତ୍ୱ ଆଧାରରେ ଅସମାନତା
– ଅସମାନତାଜନିତ ଅବବୋଧ, ରାଜନୈତିକ ସକ୍ରିୟତା, ନିର୍ବାଚନ ପ୍ରକ୍ରିୟା
– ଅସମାନତାର ବିକାଶ, ବିଭାଜନ ଏବଂ ଗାଣତନ୍ତ୍ରିକ ସଂକଟ
– ରାଜନୈତିକ ପ୍ରତିରୋଧ, ଆଞ୍ଚଳିକ ସମସ୍ୟା ଏବଂ ଅବହେଳିତ ଗୋଷ୍ଠୀ
– ବହୁ-ସାଂସ୍କୃତିକ ଅଧ୍ୟୟନ ଚର୍ଚ୍ଚା, ରାଜନୈତିକ ସଂହତି, ଶରଣାର୍ଥୀ ଏବଂ ନାଗରିକତ୍ୱ ପ୍ରଦାନ ଜନିତ ସମସ୍ୟା

**ବିକାଶର ଅଗ୍ରଗତି ଏବଂ ଅସମାନତାର ବିବିଧ ଦିଗ :**

– ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟସେବା ଏବଂ ପରିପୁଷ୍ଟି
– ବିଷମ ବଣ୍ଟନ ଏବଂ ସାଧାରଣ ଜନତାଙ୍କ ପାଖରେ ଏହାର ଅନୁପଲବ୍ଧତା
– ଶିକ୍ଷା କ୍ଷେତ୍ରରେ ଅସମାନତା : ପ୍ରାଥମିକରୁ ଉଚ୍ଚଶିକ୍ଷା
– ପୁଞ୍ଜିବାଦୀ ବ୍ୟବସ୍ଥାର ବିକାଶ ଓ ଅବହେଳିତ ଗୋଷ୍ଠୀ
– ଶିଳ୍ପାୟନ ଏବଂ ଅବହେଳିତ ଗୋଷ୍ଠୀର ସ୍ୱଳ୍ପ ବିକାଶ
– ଅବହେଳିତ ଗୋଷ୍ଠୀ, ବିକାଶର ସଦୁପଯୋଗ ଏବଂ ଉପଲବ୍ଧତା

**ପରିବେଶଜନିତ ଅସନ୍ତୁଳନତା :**

– ପ୍ରାକୃତିକ ସମ୍ବଳର ସମବିନିଯୋଗ
– ଅସମାନତା (ଜଳ, ଜଙ୍ଗଲ, ଜମି, ମତ୍ସ୍ୟ, ଖଣି ଓ ଜୀବନ ଜୀବିକା)
– ପ୍ରାକୃତି ସଂପଦର ସଂରକ୍ଷଣ ଓ ସମୁଚିତ ବିକାଶ
– କ୍ଷମତା ଆଧାରରେ ପ୍ରଭୁତ୍ୱ ବିସ୍ତାର
– ଅର୍ଥନୈତିକ ଶୋଷଣ ଜନିତ ଅସମାନତା
– ଗୋଷ୍ଠୀଭିତ୍ତିକ ସଶକ୍ତୀକରଣ ଏବଂ ପରିବେଶ ବିଧିବ୍ୟବସ୍ଥା ନିୟମର ପ୍ରତିରୋଧ ।

♦